# Akashvani, Sambalpur

## SAMBALPURI NEWS EVENING BULLETIN

## 23 April 2024- 7.02 pm- 7.12 pm.

*********************************************

୧- ଲୋକ୍‌ସଭାର୍ ୪ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା ଗୁରୁବାର୍ ଶେଷ୍ ହେବା ନାମାଙ୍କନ ପତ୍ର ଦାଖଲ୍ ।

୨- କଟକ୍ ବିଦ୍ୟାଧର୍‌ପୁର୍‌ର ଜାତୀୟ ଧାନ୍ ଗବେଷଣା ପ୍ରତିଷ୍ଠାନ୍ ପାଲନ୍ କଲା ପ୍ରତିଷ୍ଠା ଦିବସ୍ ।

ଆଉର୍

୩- ରାଜ୍ୟର୍ ଦେବୀ ପୀଠମାନ୍‌କେ ଆଏଜ୍ ଶେଷ୍ ହେଇଛେ ଚୈତ୍ର ମଙ୍ଗଲ୍‌ବାର୍ ଯାତ୍ରା ।

୪ ନମ୍ବର୍ ଖେପ୍ ଭୋଟ୍-ନାମାଙ୍କନ୍ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ

କଟକ୍

ଲୋକ୍‌ସଭା ନିର୍ବାଚନ୍‌ର ୪ ନମ୍ବର୍ ଖେପ୍ ଲାଗି ନାମାଙ୍କନ୍ ଦାଖଲ୍ ଆଏବା ଗୁରୁବାର୍ ଦିନ ଶେଷ୍ ହେବା । ତାର୍ ଆରଦିନ ଶୁକ୍ରବାର୍ ପ୍ରାର୍ଥୀପତ୍ର ଯାଂଚ୍ କରାଯିବା ଆର୍ ୨୯

ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରାଯିବା । ଓଡ଼ିଶା ସହେତେ ୧୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ୯୬ ଟା ଲୋକ୍‌ସଭା ଆସନ୍ ଲାଗି ଆଏବା ୧୩ ତାରିଖ୍ ଦିନ ଭୋଟ୍ ହେବା । ଓଡ଼ିଶାର୍ କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ଲୋକସଭା ଆସନ୍ ଆର୍ ଇତାର୍ ଅଧିନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଇ ୪ ନମ୍ବର୍ ଖେପେ ଭୋଟ୍ ହେବା ।

ବୌଦ୍ଧ ସାଧାରଣ୍ ନିର୍ବାଚନ୍-ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ନ ଆଦର୍ଶ ଆଚରଣ ସଂହିତା ପାଲନ୍ ଆର୍ ନିର୍ବାଚନ୍ ଖର୍ଚ୍ଚ ତଦାରଖ୍ ବାବଦ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ସାଧାରଣ୍ ନିର୍ବାଚନ୍ ଲାଗି ଆଦର୍ଶ ଆଚରଣ ସଂହିତାକେ କଡ଼ାକଡ଼ି ଲାଗୁ କରାଯିବା ଆଉ ପ୍ରାର୍ଥୀମାନ୍‌କର୍ ନିର୍ବାଚନ୍ ଖର୍ଚ୍ଚ ତଦାରଖ୍ କରାଯିବାର୍ ବାବ୍‌ଦେ ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଜେ. ସୋନାଲ୍ ସମୀକ୍ଷା କରିଥିଲେ । ଇତାର୍‌ଛଡ଼ା ଜିଲ୍ଲା ନିର୍ବାଚନ୍ ପରିଚାଲନା ଯୋଜ୍‌ନା, ତାଲିମ୍ କାର୍ଯ୍ୟକ୍ରମ୍, ପୁଲିସ୍ ମୁତୟନ, ନିର୍ବାଚନ୍ ଲାଗି ଗାଡ଼ିମଟର୍ ବ୍ୟବସ୍ଥା

ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଥିଲା । ବୈଠକ୍‌ଥି ସବୁ ଏସ୍.ପି. ରାଜପ୍ରସାଦ, କଂଟାମାଲ୍ ଆର୍ ବୌଦ୍ଧ ନିର୍ବାଚନ୍ ମଣ୍ଡଲୀର୍ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ସହେତେ ନିର୍ବାଚନ୍ ସାଙ୍ଗେ ସାମିଲ୍ ହେଇଥିବା ସବୁ ଅଧିକାରୀମାନେ ଅଂଶଗ୍ରହଣ୍ କରିଥିଲେ ।

ନିର୍ବାଚନ୍- ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍ ଲାଗି ଦେବ୍‌ଗଡ଼୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପ୍ରାର୍ଥୀମାନ୍‌କର୍ ଦାୟିତ୍ୱ ଆଉ କର୍ତବ୍ୟ ବାବ୍‌ଦେ ସଚେତନ୍ କର୍‌ବାର୍‌କେ ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଆଦର୍ଶ ଆଚରଣ ବିଧି ପାଲନ୍, ପୋଷ୍ଟର୍, ବେନର୍ ଛପା ବାବ୍‌ଦେ ଥିବା ନିୟମ୍ ପାଲନ୍, ସଭାସମିତି ଜରିଏ ପ୍ରଚାର୍, ପ୍ରାର୍ଥୀପତ୍ର ଦାଖଲ୍, ଶୋଭାଯାତ୍ରା ଲାଗି ଗାଡ଼ିମଟର୍‌ର ଅନୁମତି ନେବାର୍, ପ୍ରାର୍ଥୀମାନ୍‌କର୍ ନିର୍ବାଚନ୍ ଖର୍ଚ୍ଚ ପରିଚାଲନା ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା ।

ଇତାର୍‌ଛଡ଼ା ଜିଲ୍ଲାପାଳଙ୍କର୍ ଅଧ୍ୟକ୍ଷତାଥି ସେକ୍ଟର୍ ଅଫିସର୍ ମାନ୍‌କର୍ ତାଲିମ୍ ଶିବିର୍ ହେଇଯାଇଛେ । ତାଲିମ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ ଆଉ କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ ଜିଲ୍ଲାପାଲ୍‌ଙ୍କର୍ ସହେତେ ଅଲ୍‌ଗା ଅଧିକାରୀ ଆଉ ୪୪ ଝନ୍ ସେକ୍ଟର୍ ଅଫିସର୍ ଉପସ୍ଥିତ୍ ଥିଲେ ।

## ନୂଆପଡ଼ା କଂଗ୍ରେସ୍ ପ୍ରାର୍ଥୀ ନାମାଙ୍କନ୍

ନୂଆପଡ଼ା/କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଲୋକ୍‌ସଭା ଆସନ୍ ଆଉ ଜିଲ୍ଲାର୍ ଭିନ୍ ଭିନ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଆଏଜ୍ ପ୍ରାର୍ଥୀମାନେ ସେମାନ୍‌କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ସେନ୍ତା ନୂଆପଡ଼ା ଜିଲ୍ଲାର୍ ନୂଆପଡ଼ା ଆଉ ଖଡ଼ିଆଲ୍ ବିଧାନ୍‌ସଭା ନିର୍ବାଚନ୍ ଲାଗି ଭିଲ୍ ଆଏଜ୍ ପ୍ରାର୍ଥୀମାନେ ସେମାନ୍‌କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

କଲାହାଣ୍ଡି ଲୋକ୍‌ସଭା ଆସନ୍ ଲାଗି ବହୁଜନ ମୁକ୍ତି ପାର୍ଟି ତର୍‌ଫୁ ଗଙ୍ଗାଧର୍ ଜାଲ୍ ଆର୍ ବହୁଜନ୍ ସମାଜ ପାର୍ଟିର ବିରଂଚି ନାରାୟଣ ଦୁର୍ଗା ତାଙ୍କର୍ ପ୍ରାର୍ଥୀପତ୍ର କଲାହାଣ୍ଡି ଜିଲ୍ଲାପାଲ୍ ଆଉ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ନ ଦାଖଲ୍ କରିଛନ୍ । ଲାଞ୍ଜିଗଡ଼୍

ବିଧାନ୍‌ସଭା ଆସନ୍ ଲାଗି ବିଜେପିର୍ ରମେଶ୍ ଚନ୍ଦ୍ର ମାଝୀ ଆଏଜ୍ ତାଙ୍କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ସେନ୍ତା ନର୍ଲା ବିଧାନ୍‌ସଭା ଆସନ୍ ଲାଗି ବିଜେଡ଼ି ପ୍ରାର୍ଥୀ ମନୋରମା ମହାନ୍ତି, ବହୁଜନ ସମାଜ ପାର୍ଟିର ଦୁର୍ଯ୍ୟୋଧନ୍ କୁମାର୍, ଅଲ୍‌ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ୍‌ର ଶିବରାମ୍ ନାଏକ୍, ଆମ୍ବେଦର୍‌କର୍ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆର ଗଭୀର ସୁନା ଆଏଜ୍ ତାଙ୍କର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ଧର୍ମଗଡ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ସ୍ୱାଧୀନ୍ ପ୍ରାର୍ଥୀ ହେମାଙ୍ଗିନୀ ହଂସ ଆଉ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ତୀର୍ଥରାଜ୍ ଦୁର୍ଗା ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ସେନ୍ତା ଜୁନାଗଡ୍ ନିର୍ବାଚନ୍ ମଣ୍ଡଲୀ ଲାଗି ବିଜେଡ଼ି ପ୍ରାର୍ଥୀ ଦିବ୍ୟଶଙ୍କର୍ ମିଶ୍ର ଆଉ ସ୍ୱାଧୀନ୍ ପ୍ରାର୍ଥୀ ପରମେଶ୍ୱର୍ କାଣ୍ଡ ଭିଲ୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ପ୍ରଦେଶ୍ କଂଗ୍ରେସ୍ ସଭାପତି ଶରତ୍ ପଟ୍ଟନାୟକ୍ କଂଗ୍ରେସ୍ ପ୍ରାର୍ଥୀ ଭାବେ ଆଏଜ୍ ନୂଆପଡ଼ା ବିଧାନ୍‌ସଭା ଆସନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଶ୍ରୀ ପଟ୍ଟନାୟକ୍ ନୂଆପଡ଼ା ଉପ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଲୟ ନ ରିଟର୍ଣ୍ଣିଂ ଅଫିସର୍ ଯୋଗେନ୍ଦ୍ର ମାଝୀଙ୍କୁ ତାଙ୍କର୍ ପ୍ରାର୍ଥୀପତ୍ର ଦେଇଛନ୍ । ସେଆଡ଼େ ବିଜେଡ଼ି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ପ୍ରସାଦ୍ ଢୋଲ୍‌କିଆ ଭିଲ୍ ନୂଆପଡ଼ା ବିଧାନ୍‌ସଭା ଆସନ୍ ଲାଗି ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ଲାଗି କଂଗ୍ରେସ୍ ପ୍ରାର୍ଥୀ କମଲ୍ ଚରଣ୍ ତାଣ୍ଡି ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ଆଇସିଏଆର୍ ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

କଟକ୍ ବିଦ୍ୟାଧର୍‌ପୁର୍‌ର ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ୍‌ର ୭୯ ନମ୍ବର୍ ଥାପ୍‌ନା ଦିବସ୍ ଆଉ ଧାନ୍ ଦିବସ୍ ଆଏଜ୍ ପ୍ରତିଷ୍ଠାନ୍ ପରିସର୍‌ଥି ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଅନୁଷ୍ଠାନ୍‌ର ନିର୍ଦ୍ଦେଶକ ଡକ୍ଟର୍ ଅମରେଶ୍ କୁମାର୍ ନାଏକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ କୃଷି ଗବେଷଣା ଆଉ ଶିକ୍ଷା ବିଭାଗ୍ ସଚିବ ଆଉ ନୂଆଦିଲ୍ଲୀର ଭାରତୀୟ କୃଷି ଅନୁସନ୍ଧାନ୍ ପରିଷଦ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ହିମାଂଶୁ ପାଠକ୍ ଆଭାସୀ ଜରିଏ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଭାରତୀୟ କୃଷି ଅନୁସନ୍ଧାନ୍ ପରିଷଦ୍‌ର ଅନୁସନ୍ଧାନ୍ ଆଉ ପ୍ରଯୁକ୍ତି ବିଦ୍ୟାର୍ ବିକାଶ୍ ଭାରତ୍‌କେ ଖାଦ୍ୟଶସ୍ୟ, ମାଛ୍, ଉଦ୍ୟାନ କୃଷି ଫସଲ୍ ଆଉ ଦୁଗ୍ଧ ଉତ୍ପାଦନ୍‌କେ ବହୁତ୍ ଗୁନା ବଢ଼ାବାର୍‌ଥି ସାହାଜ୍ କରିଛେ ଆଉ ଆଇସିଏଆର୍‌ର ପଦକ୍ଷେପ୍ ଭିଲ୍ ପ୍ରାକୃତିକ ସମ୍ପଦ ପରିଚାଳନା, ଜଲ୍‌ବାୟୁର୍ ସ୍ଥିରତା ଆଉ ଅର୍ଥନୈତିକ କ୍ଷେତ୍ରଥି ଉନ୍ନତି ଆନିଛେ ବଲି ସେ କହିଥିଲେ । ଉତ୍ସବ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭାରତୀୟ କୃଷି ଅନୁସନ୍ଧାନ୍

ପରିଷଦ୍, ନୂଆଦିଲ୍ଲୀର୍ ଶିକ୍ଷା ବିଭାଗ୍ର ଉପ ମହାନିର୍ଦ୍ଦେଶକ୍, ସହାୟକ ମହାନିର୍ଦ୍ଦେଶକ୍, ଓୟୁଏଟିର କୁଳପତି ପ୍ରମୁଖ ଯୋଗ୍ ଦେଇକରି ଭିନ୍ ଭିନ୍ ରକମ୍ର କୃଷି ବିକାଶ୍, ମୃତିକା ସ୍ୱାସ୍ଥ୍ୟ ରକ୍ଷଣାବେକ୍ଷଣ୍ରେ ପଦ୍ଧତି, କୃଷି ଯାନ୍ତ୍ରିକିକରଣ୍, ଚାଉଲ୍ର ଗୁଣାତ୍ମକ ନିୟନ୍ତ୍ରଣ, କୀଟ ନିୟନ୍ତ୍ରଣ୍ ଆର୍ ଚାଷୀମାନ୍କର୍ ଉନ୍ନତି ଦିଗେ ଅନୁଷ୍ଠାନ୍ର ଭୂମିକା ଉପ୍ରେ ଜୋର୍ ଦେଇଥିଲେ ।

ଇ ଅବ୍ସରେ ମୁଖ୍ୟଅତିଥି ଆଭାସୀ ଜରିଏ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ କରିଥିଲେ । ଇତାର୍ସହେତେ ପ୍ରତିଷ୍ଠାନ୍ ତର୍ଫୁ ବାହାରିଥିବା ଗବେଷଣା ପ୍ରବନ୍ଧ ଅତିଥିମାନେ ଉନ୍ମୋଚନ୍ କରିଥିଲେ । କାର୍ଯ୍ୟକ୍ରମ୍ଥି ଗୁଟେ କୃଷି ପ୍ରଦର୍ଶନୀ ଭିଲ୍ ହେଇଥିଲା ।

ଇନ ଜନେଇ ଦିଆଯାଇପାରେ ଯେ, ୧୯୪୫ ମସିହାଥି ଭାରତ୍ ସର୍କାର୍ ଦେଶର୍ ଖାଦ୍ୟ ଅଭାବ୍କେ ପୁରା କର୍ବାର୍ ଲାଗି ଅତ୍ୟାଧୁନିକ୍ ଜ୍ଞାନ୍ କୌଶଲ୍ ପ୍ରୟୋଗ୍ଥି ଫସଲ୍ ଉତ୍ପାଦନ୍ ବଢ଼ାବାର୍କେ ବୈଜ୍ଞାନିକ୍ମାନ୍କର ଗବେଷଣା ଲାଗି ଇ ଧାନ୍ ଗବେଷଣା ପ୍ରତିଷ୍ଠାନ୍ ଥାପ୍ନା କରିଥିଲେ । ଗଲା ୭୯ ବଛର୍ ଭିତ୍ରେ ଇନ ବୈଜ୍ଞାନିକ୍ମାନେ ଭିନ୍ ଭିନ୍ କିସମ୍ର ଧାନ୍ ଉତ୍ପାଦନ୍ କରିକରି ଏସିଆ ମହାଦେଶ୍ଥି ଇଟାକେ ଗୁଟେ ଶ୍ରେଷ୍ଠ ଧାନ ଗବେଷଣା କେନ୍ଦ୍ର ଭାବେ ପରିଚିତ କରେଇଛନ୍ ।

ଚୈତ୍ ପୁନି ସମ୍ବଲ୍‌ପୁର୍/ ବର୍‌ଗଡ଼୍ ସମ୍ବାଦଦାତା

ଆଏଜ୍ ଚୈତ୍ ପୁନି ରାଜ୍ୟର ଭିନ୍ ଭିନ୍ ଦେବୀପୀଠମାନ୍‌କେ ଚୈତ୍ ମାସର୍ ମଙ୍ଗଲ୍‌ବାର୍ ଯାତ୍ରା ଶେଷ୍ ହେଇଛେ । ଗଞ୍ଜାମ୍ ଜିଲ୍ଲାର୍ ଇଷ୍ଟଦେବୀ ମା ତାରାତାରିଣୀଙ୍କର୍ ଯାତ୍ରା ଆଏଜ୍ ଶେଷ୍ ହେଉଛେ । ଫି’ ବଛର୍ ବାଗିର୍ ଇ ବଛର୍ ଭିଲ୍ ମା ତାରାତାରିଣୀଙ୍କର୍ ଚୈତ୍ରଯାତ୍ରା ଇ ମାସର୍ ୫ ଟା ମଙ୍ଗଲ୍‌ବାର୍ ଦିନ ହେଇଥିଲା । ମା’ଙ୍କର୍ ଇ ଯାତ୍ରା ଦେଖିବାର୍ ଲାଗି ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ହେଉଥିବାର୍‌ନୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କର୍ ଚୈତ୍ ପୁନି ଧୁମ୍‌ଧାମ୍‌ଥି ପାଲିତ୍ ହେଇଯାଇଛେ । ଆଏଜ୍ ସଖାଲୁ ମନ୍ଦିର୍ କବାଟ୍ ଖୁଲ୍‌ବାର୍ ଉତ୍‌ରୁ ରୀତିନୀତି ଅନ୍‌ସାରେ ପୂଜା କରାଯାଇଥିଲା । ପଛେ ଶୀତଳାମାତାଙ୍କର୍ ଶୀତଲ୍ ପୂଜା କରାଯାଇଥିଲା । ଇ ଅବ୍‌ସରେ ମନ୍ଦିର୍ ନ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍ ଦେଖିବାର୍‌କେ ମିଲିଥିଲା । ସେନ୍ତା ଘଂଟେଶ୍ୱରୀ ପୀଠ ନ ଭିଲ୍ ଚୈତ୍ ପୁନି ପାଲିତ୍ ହେଇଯାଇଛେ ।

ଚୈତ୍ ପୁନି ଅବ୍‌ସରେ ବର୍‌ଗଡ଼୍ ନ ଗ୍ରାମ୍‌ଦେବୀ ମା’ସମଲେଶ୍ୱରୀଙ୍କ ବାର୍ଷିକ ସ୍ନାନ ଉତ୍ସବ ଆର୍ ଜଳାଭିଷେକ

ମହାସ୍ନାନ ସହେତେ ଶେଷ୍ ହେଇଛେ । ମହାସ୍ନାନ ଲାଗି ପହପହନୁ ମା’ଙ୍କର୍ ସ୍ୱତନ୍ତ୍ର ପୂଜା ମୁଲ୍ ହେଇଥିଲା ଆଉ ମା’ଙ୍କର୍ ଠାନେ ଭକ୍ତମାନ୍‌କର୍ ଜଳାଭିଷେକ୍ ଆରମ୍ଭ ହେଇଥିଲା ।

ମା’ଙ୍କର୍ ଇ ଜଳାଭିଷେକ ଆଉ ମହାସ୍ନାନ ଲାଗି ମନ୍ଦିର ପରିସର ଆର୍ ମନ୍ଦିର୍‌କେ ଯାଉଥିବା ରାସ୍ତାମାନ୍‌କେ ଜବର୍ ଭିଡ଼୍ ହେଇଥିଲା । ମା’ଙ୍କର୍ ଇ ବାର୍ଷିକ ମହାସ୍ନାନ ଉତ୍ସବ୍‌ଥି ମା’ଙ୍କୁ ଗୁରସ, ପାଏନ୍ ଆର୍ ପନା ଦେଇକରି ସ୍ନାନ କରେଇଥିଲେ । ଇ ଅବ୍‌ସରେ ମା’ଙ୍କୁ ମହାଭୋଗ ଅର୍ପଣ୍ କରାଯିବାର୍ ସହେତେ ଭକ୍ତମାନ୍‌କୁ ପ୍ରସାଦ୍ ଦିଆଯାଇଥିଲା । ସେନ୍ତା ସପ୍ତସତୀ ଚଣ୍ଡିପାଠ ହୋମ ସାଙ୍ଗେ ମା’ଙ୍କର୍ ବାସନ୍ତୀକ ପୂଜାର ପୂର୍ଣ୍ଣାହୁତି ହେଇଥିଲା ।

ହନୁମାନ୍ ଜନ୍ମଉତ୍ସବ ଆର୍‌ଏନ୍‌ୟୁ/ କଟକ୍/ ଏନ୍‌ଏସ୍‌ଡି

ହନୁମାନ୍‌କର୍ ଜନ୍ମ ଉତ୍ସବ୍ ଆଏଜ୍ ସାରା ରାଏଜେ ଧୁମ୍‌ଧାମ୍‌ଥି ପାଲିତ୍ ହେଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ କରିକରି ଲୋକ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ମୋଦୀ କହିଛନ୍ ଯେ, ପ୍ରଭୁ ହନୁମାନ୍‌ଙ୍କର୍ ତ୍ୟାଗ ସବୁଦିନର୍ ଲାଗି ମନେ ରହେବା ଆଉ ରାମ୍‌ଭକ୍ତମାନ୍‌କର୍ ଲାଗି ଗୁଟେ ପ୍ରେରଣାର୍ ସ୍ରୋତ ହେବା ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭକାମନା ଜନେଇଛନ୍ । ସାମାଜିକ୍ ଗଣମାଧମ୍ ଏକ୍ସ୍‌ଥି ସେ ଶଙ୍କଟ୍‌ମୋଚନ୍ ହନୁମାନ୍‌ଙ୍କର୍ ପାଖେ ଓଡ଼ିଶାବାସୀଙ୍କର୍ ମଙ୍ଗଲ୍ କାମନା କରିଛନ୍ ।

ବିଶ୍ୱ ପୁସ୍ତକ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ପୁସ୍ତକ ଦିବସ୍ । ବହିପଢ଼ାକେ ତହଁକାବାର୍ ଲାଗି ଫି ବଛର୍ ଏପ୍ରିଲ୍ ୨୩ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବହି ବାଂଟ୍‌ବାର୍ ଆଉ ପଢ଼୍‌ବାର୍‌ଟା ଇ ଦିନ ଜୋର୍ ଦିଆଯାଏସି । ବହି ଲେଖ୍‌ବାର୍, ପଢ଼୍‌ବାର୍, ଅନୁବାଦ୍, ପ୍ରକାଶନ୍ ଆର୍ କପିରାଇଟ୍‌ର ସୁଫଲ୍‌କେ ସାରା ପୁର୍‌ଥି ନ ତହଁକାବାର୍ ଇ ଦିବସ୍‌ର ଲକ୍ଷ୍ୟ ଆଏ । ୟୁନେସ୍କୋ ତର୍‌ଫୁ ୧୯୯୫ ମସିହା ଏପ୍ରିଲ୍ ୨୩ ତାରିଖ୍ ଦିନ ଇ ଦିବସ୍ ପହେଲା ପାଲନ୍ କରାଯାଇଥିଲା । ପ୍ରସିଦ୍ଧ ସାହିତ୍ୟିକ ୱିଲିୟମ୍ ସେକ୍ସପିୟର୍, ମିଗୁଏଲ୍ ସର୍ଭାଂଟେସ୍ ଆର୍ ଇନ୍‌କା ଗ୍ରାନ୍‌ସିଲାସୋ ଡିଲାଭେଗା ଆଝିର୍ ଦିନେ ମୃତ୍ୟୁ ବରଣ୍ କରିଥିଲେ । ସେମାନ୍‌କର୍ ସମ୍ମାନ୍‌ଥି ଇ ଦିନ୍‌କେ ବିଶ୍ୱ ପୁସ୍ତକ୍ ଆଉ କପିରାଇଟ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ବିଶ୍ୱ ପୁସ୍ତକ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ ‘ତୁମ ମାର୍ଗରେ ପଠନ କର’ ।

ଇ ଅବ୍ସରେ ମୋ ବସ୍ଥି ଯାଉଥିବାର୍ ଯାତ୍ରୀମାନ୍କୁ କୁଟ୍ ତର୍ଫୁ ଆଏଜ୍ ଦିନ୍ସାରା ଭୁବ୍ନେଶ୍ୱର୍, କଟକ୍, ପୁରୀ, ରାଉର୍କେଲା, ସମ୍ବଲ୍ପୁର୍ ଆର୍ ବ୍ରହ୍ମପୁର୍ ନ ବହି ବଂଟାଯାଇଥିଲା ।

ଏମ୍ସ ଲୋ-ଭିଜନ୍ କ୍ଲିନିକ୍ ଉଦ୍ଘାଟିତ      ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ର ଏମ୍ସର ଚକ୍ଷୁ ବିଭାଗ୍ଥି ଲୋ-ଭିଜନ୍ କ୍ଲିନିକ୍ ଉଦ୍ଘାଟିତ୍ ହେଇଯାଇଛେ । ଇ ବିଶେଷ୍ ଭିଜନ୍ କ୍ଲିନିକ୍ ଗ୍ଲୁକୋମା, ବୟସାଧିକ୍ୟ, ମଧୁମେହ, ରେଟିନା ରୋଗ ଆଉ ଅଲ୍ଗା ଭିନ୍ ଭିନ୍ କାରଣ୍ନୁ ଦୃଷ୍ଟିଶକ୍ତିହୀନତା ଭୁଗୁଥିବା ରୋଗୀମାନ୍କୁ ସେମାନ୍କର୍ ସାଧାରଣ ଜୀବନ୍ଯାପନ୍ ବ୍ୟବସ୍ଥାକେ ସାହାଜ୍ କର୍ବା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

କାଲ୍ବୈଶାଖୀ ଲାଗି ରାଏଜେ ତାତି ଟିକେ କମିଛେ । ହେଲେ ରାଏଜର୍ ସବୁନୁ ଅଏତ୍କା ତାତି ପାରଲାଖେମୁଣ୍ଡି ନ ୪୨ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ତାତି ରେକର୍ଡ଼

କରାଯାଇଛେ । ଇତାର୍ଛଡ଼ା ରାଜ୍ୟର୍ ୧୮ ଟା ଜାଗା ନ
ତାତି ୪୦ ଡିଗ୍ରୀନୁ ଉପ୍ରେ ରହିଥିଲା ।